ନବ ବର୍ଷର ଉପହାର

॥ ମାତୃଭୂମି ॥

ମାତୃଭୂମି ମୁକ୍ତି ପାଇଁ ଦେଲ ଆତ୍ମବଳି
କାତର ଜନଙ୍କ ତବ ପଦେ ଶ୍ରଦ୍ଧାଞ୍ଜଳୀ ॥

Digitized by PPRACHIN, SOA

॥ ଏକ ॥

॥ ମାତୃଭୂମି ॥

ରଚନା—ଶ୍ରୀ ସୂର୍ଯ୍ୟମଣି ପଣ୍ଡା
ସଂଗଠନ ସମ୍ପାଦକ

ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସଂଘ,

ତଥା

ଉତ୍ତର ଓଡ଼ିଶା ସାହିତ୍ୟ ସଂସ୍କୃତି ସମ୍ମେଳନର ଆଜୀବନ ସଭ୍ୟ

ସାମ୍ବାଦିକ ଓ ବାଘାଯତୀନ ସ୍ମୃତି କମିଟିର

ସକ୍ରିୟ ସଭ୍ୟ ।

ବାଲେଶ୍ୱର ।

ପ୍ରକାଶିକା—ଶ୍ରୀମତୀ ଊର୍ମିଳା ଦେବୀ

ମୁଦ୍ରଣ— ୧୯୮୩

ମୂଲ୍ୟ ଟ ୨-୫୦ ପଇସା

Digitized by PPRACHIN, SOA

—: ଶୁଭେଚ୍ଛା :—

କବିତାର ଛନ୍ଦର ଗୁଞ୍ଜନ କବି ପ୍ରାଣର ମାନସ ପଟରେ ସାଗର ଊର୍ମି ତରଙ୍ଗାୟିତ ହୋଇ ଯେପରି ପଥିକକୁ ସମୁଦ୍ରର ଅସ୍ତିତ୍ୱ ଜଣାଏ, ସେହିପରି କବିତାର ଶାଶ୍ୱତ, ଚିରନ୍ତନ, ସାହିତ୍ୟର ଆଶ୍ରୟସ୍ଥଳୀ ଓ ବକ୍ଷଦେଶରୁ ଦୁଃଖ, ଶୋକ, ଅଶ୍ରୁ, ଆନନ୍ଦ ଓ ବେଦନାରୁ କବିତା ଜନ୍ମ ।

ଶ୍ରୀଯୁକ୍ତ ସୂର୍ଯ୍ୟମଣି ପଣ୍ଡା ଜଣେ ଦେଶପ୍ରେମି, ସ୍ୱାଧୀନତା ସଂଗ୍ରାମୀ, ତଥା ସାମ୍ବାଦିକ ଓ ବହୁ ଅନୁଷ୍ଠାନର କର୍ମକର୍ତ୍ତା ଭାବେ ପରିଚିତ । ତାଙ୍କର କବିତାକାରରେ ଲେଖିଥିବା ପାଣ୍ଡୁଲିପିଟିକୁ ଅଧ୍ୟୟନ କଲାପରେ ମନେକଲି ଯେ ବହୁ କର୍ମମୟ ଜଞ୍ଜାଳ ଭିତରେ ରହିସୁଦ୍ଧା ଅବସର ସମୟରେ କବିତା ରଚନା କରି ଯାହା ଜନ ହିତକର କଲ୍ୟାଣାର୍ଥେ ପ୍ରକାଶ କରିବାକୁ ଯାଉଛନ୍ତି । ଆଶାକରେ ସର୍ବ ସାଧାରଣରେ ଆଦୃତ ହେବ ।

ଯେ ତାଙ୍କର ଜଞ୍ଜାଳମୟ କର୍ମ ଭିତରେ ଥାଇ ସୁଦ୍ଧା, ତାଙ୍କ ପାଖରୁ ଯାହା ଶୁଣିବାକୁ ପାଇଲି, ସେ ଆଜ କେତୋଟି ପୁସ୍ତକ ପାଣ୍ଡୁଲିପିର ତଥ୍ୟ ସଂକଳନ କରିବାକୁ ଆଗ୍ରହ କିନ୍ତୁ ଅର୍ଥାଭାବ ହେତୁ ପ୍ରକାଶ ପାଇପାରୁ ନଥିବାରୁ ଦୁଃଖିତ ।

ଆଶାକରେ ତାଙ୍କର ଏହି ଅଦମ୍ୟ ଉତ୍ସାହ ଦିନେ ନା ଦିନେ ଫଳବତୀ ହେବ ଓ ଲେଖନୀ ପରିମାର୍ଜିତ ପରିବର୍ଦ୍ଧିତ ହେଉ । ଏହାହିଁ ମୋର କାମନା ॥ ଇତି ॥

ରବୀନ୍ଦ୍ର ମୋହନ ଦାସ
ବାଲେଶ୍ୱର ।

Digitized by PPRACHIN, SOA

॥ ଜୟ ॥

ମାନପତ୍ର - ୧୯୭୯

ଯଦୁମଣି ସାହିତ୍ୟ ସଂସଦ

ଉଦୟପୁର, ନୂଆଗାଁ-୭୫୨୦୮୩

ଜିଲ୍ଲା— ପୁରୀ ।

ଶ୍ରୀଯୁକ୍ତ ସୂର୍ଯ୍ୟମଣି ପଣ୍ଡା, ନଦ୍ୱାଦପୁ, ଟମୀରେଷ ।

ମହାଶୟ !

ଆପଣ ଜଣେ ପ୍ରଧାନ ଶିକ୍ଷକ, ସଂଗଠକ, ସ୍ୱାଧୀନତା ସଂଗ୍ରାମୀ, ମହାତ୍ମାନୁଗତ ଜଣେ ସାହିତ୍ୟିକ ରୂପେ ସର୍ବତ୍ର ସମ୍ମାନିତ ।

ଆପଣ ଆଦର୍ଶାନୁବର୍ତ୍ତୀ, ଦେଶପ୍ରେମୀ ଏବଂ ଅକ୍ଲାନ୍ତ କର୍ମୀ ହେବାର ଉଦ୍ଧୃ । ଆପଣଙ୍କ ରଚନାରେ, ଦେଶାତ୍ମବୋଧ ଓ ଦେଶପ୍ରେମର ଜ୍ୱଳନ୍ତ ପ୍ରକାଶ ଘଟିଛି ।

ଆଜି ଏହି ଶୁଭ ଅବସରରେ ଆପଣଙ୍କ ଉଜ୍ଜ୍ୱଳ ପ୍ରତିଭାକୁ ସମ୍ମାନ ଜଣାଇ **"ଯଦୁମଣି ସାହିତ୍ୟ ସଂସଦ"** ଆପଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ କରି ନିଜକୁ ଧନ୍ୟ ମନେ କରୁଅଛି ।

ସମ୍ପାଦକ — ସଭାପତି

ଶ୍ରୀଯୁକ୍ତ ଦାଶରଥୀ ପଟ୍ଟନାୟକ, ଶ୍ରୀଯୁକ୍ତ ରମାନାଥ ପଣ୍ଡା

Digitized by PPRACHIN, SOA

❋ ମୁଖବନ୍ଧ ❋

ଆପଣ ମାନଙ୍କର ଆନ୍ତରିକ ସ୍ନେହ, ଶ୍ରଦ୍ଧା ଓ ଶୁଭେଚ୍ଛା ଯୋଗୁଁ ଦୀର୍ଘ ଦିନର ଅଭିପ୍ସା ନେଇ ନବ ବର୍ଷର ଉପହାର **"ମାତୃଭୂମି"** କବିତାଞ୍ଜଳୀ ପୁସ୍ତକଟିକୁ ପ୍ରକାଶ କରିବାକୁ ଗଲା ବେଳେ ମନେ ପଡ଼ିଲା—

ବାଲ୍ୟକାଳୁ ଧନ ଧର୍ମ ମୁଁ ସଞ୍ଚିତ
ଏ ଜୀବନ ଅନିଶ୍ଚିତ
କେ ଜାଣେ କାହାର ଆଜି ମୃତ୍ୟୁକାଳ
ହୋଇଯିବ ଉପସ୍ଥିତ ।

କାରଣ ପିଲାଦିନେ ଭଣ୍ଡାରୀକୁଲର ପଢ଼ିବା ବେଳେ ସ୍କୁଲ ଫାଟକରେ ବିମଣ୍ଡିତ "ମଧୁମାଳତୀ"ର ଝୁଂପା ଧରି ଫୁଟିଥିବା ଫୁଲକୁ ଲକ୍ଷ୍ୟକରି ଏକ କବିତା ଲେଖିଥିଲି ଯାହାର କିୟଦଂଶ ଏଠାରେ ଉଲ୍ଲେଖ କଲି ।

ଧନ୍ୟରେ ମାଳତୀ ଫୁଲ ତୋ ମହିମା
ସୁବାସିତ କରୁ ଚଉଦିଗ ସୀମା
ସଜ ଫୁଟି କରି ଦିଶୁଛୁ ସୁନ୍ଦର
ସୁବାସରେ ମନ ମୋହୁ ଜଗତର ।

ଦୀର୍ଘଦିନ ଅନ୍ତର୍ବାହିତ ପରେ, ରାଷ୍ଟ୍ରଦୂତ ସମ୍ପାଦକ ସ୍ୱର୍ଗୀୟ ଉପେନ୍ଦ୍ର ପ୍ରସାଦ ନାୟକଙ୍କ ସହ ସାକ୍ଷାତ ହେଲାରୁ ମୋତେ ଲେଖାଲେଖି କରିବା ଓ ସାମ୍ବାଦିକ ଭାବେ ସ୍ୱୀକୃତି ପ୍ରଦାନ ହେତୁ ତାଙ୍କର ପ୍ରେରଣାରେ ଅନେକ ଗୁଡ଼ିଏ ଦେଶାତ୍ମବୋଧ କବିତା ଦୈନିକ **"ରାଷ୍ଟ୍ରଦୂତ"** ତଥା ଉତ୍ତର ଓଡ଼ିଶା ସାହିତ୍ୟ ସଂସ୍କୃତି ସମ୍ମିଳନୀ ପୁସ୍ତିକାଦିରେ ପ୍ରକାଶ ପାଇଛି ।

Digitized by PPRACHIN, SOA

॥ ପାଞ୍ଚ ॥

ଏତଦ୍‌ବ୍ୟତୀତ ଶ୍ରୀଯୁକ୍ତ ଦାଶରଥୀ ପଟ୍ଟନାୟକଙ୍କ ଅନୁକୂଲ୍ୟରେ ଆୟୋଜିତ "ପଦ୍ମମଣି ସାହିତ୍ୟ ସଂସଦ" ପକ୍ଷରୁ ଉତ୍ତର ଓଡ଼ିଶା ସାହିତ୍ୟ ସଂସ୍କୃତି ସମ୍ମିଳନ ଦ୍ୱାରା ଲେଖକ ସମ୍ମାନିତ ହୋଇ ମାନପତ୍ର ପାଇଥିବାରୁ କୃତଜ୍ଞତା ଜ୍ଞାପନ କରୁଅଛି ।

ସେଥିପାଇଁ ଅଧ୍ୟାପକ ଶ୍ରୀଯୁକ୍ତ ଗୌରୀଶ କୁମାର ବ୍ରହ୍ମାଙ୍କର ଦିଗ୍ ଦର୍ଶନ ଚିର ସ୍ମରଣୀୟ ।

ସର୍ବଶେଷରେ ମୋର ସଂଗ୍ରାମୀ ବନ୍ଧୁ । ସହକର୍ମୀ ମାନଙ୍କ ପ୍ରେରଣା ଚିରଦିନ ଅକ୍ଷୟ ମୁଁ ଭାବରେ ସ୍ମରଣୀୟ ।

ଏଣୁ ଚିର ସ୍ୱପ୍ନର ଦେଶର ମଣ୍ଡଳମଣି ଜାତିର ଜନକ ମହାତ୍ମା ଗାନ୍ଧି, ଗୋପବନ୍ଧୁ ଓ ନେତାଜୀ ପ୍ରମୁଖ ମହା ମାନବଙ୍କ ଆଦର୍ଶରେ ଯୁବ ସଂପ୍ରଦାୟ ଅନୁପ୍ରାଣିତ ହୋଇ ଦେଶ ଓ ଜାତିର ଟେକ ରଖନ୍ତୁ । ଏହାହିଁ କାମନା । ଭୁଲଥିଲେ ତ୍ରୁଟି ମାର୍ଜନୀୟ ।

ଦେଶ ସେବା ଧନ ଜଣିବ ହେତୁ
ଉଦ୍ଭବ ହେ ଧନ ତୁମର ଦେଶେ
କେବେ କି ପ୍ରକାରେ ଭୁଲିବୁ ତାହା
ତୁମ ହାତକୁ ସେ ଆସିବ ଶେଷେ

Digitized by PPRACHIN, SOA

॥ ଛଅ ॥

-: ଆଶିର୍ବାଦ :-

କବିତା ଦୁର୍ଲ୍ଲଭ ଶକ୍ତି ଏହା କୌଣସି ବିଶେଷ ଢୋର ଆବଶ୍ୟକ ନହେଲେ ମଧ୍ୟ କବି ପ୍ରାଣରୁ ଅନେକ କ୍ଷେତ୍ରରେ ସଙ୍ଗୀତର ମୂର୍ଚ୍ଛନା ଆପେ ଆପେ ସମ୍ଭବତ ହୁଏ ।

ଲେଖକ ଶ୍ରୀ ସୂର୍ଯ୍ୟମଣି ପଣ୍ଡା, ଜଣେ ସ୍ୱାଧୀନତା ସଂଗ୍ରାମୀ, ଦେଶପ୍ରେମୀ ଓ ସଙ୍ଗଠକ ତାଙ୍କର କେତୋଟି ଦେଶାତ୍ମବୋଧ କବିତା ପାଠ କଲାପରେ ମନେହେଲା ତାଙ୍କର ଲେଖନୀ ବୀଣାପାଣିଙ୍କ କୃପାରୁ ଗତିଶୀଳ ହେଉ । ଭବିଷ୍ୟତକୁ ସେ ତାଙ୍କ କର୍ମମୟ ଜୀବନରେ ଜ୍ୱଳନ୍ତ ପଥରେ ଜୀବନତରୀକୁ ଅତିବାହିତ କରି ଜନ ସେବାରେ ନିଜକୁ ନିୟୋଜିତ କରନ୍ତୁ ।

ଏଣୁ ଭଗବାନଙ୍କ ଠାରେ ପ୍ରାର୍ଥନା ଶ୍ରୀ ପଣ୍ଡା ବୀଣାପାଣି-ଙ୍କର ଆଶିର୍ବାଦ ଲଭକରି ତାଙ୍କ ଲେଖନୀର ଅଗ୍ରଗତି ପୂର୍ବକ ଜନ ସମାଜରେ ଆଦୃତ ହେଉ ।

Sd/ ଅଧ୍ୟାପକ ଗୌରୀ କୁମାର ବ୍ରହ୍ମା
ବସନ୍ତ ପଞ୍ଚମୀ-୧୯୭୬



Digitized by PPRACHIN, SOA

—: ସୂଚିପତ୍ର :—

କ୍ର: ନଂ	ବିଷୟ	ପୃଷ୍ଠା
୧-	ଉତ୍କଳ ଜନନୀ	୧
୨-	ସାହିତ୍ୟିକ ବାଳକୃଷ୍ଣ	୨
୩-	ଘୋଷଣାର ପଥ	୩
୪-	ମୁକ୍ତହସ୍ତେ କରଦାନ	୫
୫-	ମହତ୍ତ୍ୱ	୬
୬-	ଅନାଥର ତୁମେ ନାଥ	୮
୭-	ଉତ୍କଳର ବରପୁତ୍ର	୯
୮-	ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି (ସ୍ୱ ଅନିରୁଦ୍ଧ ନନ୍ଦଙ୍କ ଏକାଦଶାବ୍ଦ-ଉପଲକ୍ଷେ)	୧୦
୯-	ଘଣ୍ଟକର ସଦୁମଣି	୧୨
୧୦-	ଧନ୍ୟ ବୃନ୍ଦାବନ	୧୪
୧୧-	ଡଃ ରାଧାନାଥ ରଥଙ୍କ ଜୟନ୍ତୀ ଅବସରରେ	୧୬
୧୨-	ମୁକ୍ତିପାଇଁ ବଳିଦାନ	୧୭
୧୩-	ବିପ୍ଳବର ବେଳାଭୂମି	୨୦

—*—

Digitized by PPRACHIN, SOA

ଉତ୍କଳ ଜନନୀ

କାନ୍ଦୁଛି ଉତ୍କଳ ଜନନୀ ମୋହର
ବୁହାଇ ଅଶ୍ରୁଧାର,
ସିଂହଭୂମ ଯାର ସୁମଣ୍ଡିତ ଶିର
ଗଙ୍ଗା ଗୋଦାବରୀ ହାତ ॥ ୧ ॥

ଚିଲିକା ଯାହାର ଅଙ୍ଗଟିକା ସମ
ଫଲ୍‌ଗୁ ଝର ଅଙ୍କ ବେଣୀ
ଯା ପୂତ ପୟର ସାଗର ପଖାଳେ
ସେହି ମୋ ଜନ୍ମଭୂମି ॥ ୨ ॥

ଶିରଗଲା ଭୁଜ ଶିରଗଲା କଟି
କବନ୍ଧା ପରାସ୍ତ ହୋଇ
ମା ମୋର ଆଜି ଆରତେ କାନ୍ଦୁଛି
ଶୁଣି ମାତୃନା କି କେହି ? ॥ ୩ ॥

ଦେଶ ଜାତି ପାଇଁ ପ୍ରାଣବଳୀ ଦେଇ
ବେଙ୍ଗ ଚାଣିଆ ଅମର
ସୁନାର ଦେଶକୁ ଜ୍ୱାଳିବନ ଜାତି
ଧୀର ପଲ୍ଲୀ ଉତ୍କଳର ॥ ୪ ॥

ମେଘାସନ ଯାର ହୃଦୟର ବେଣୀ
ଷଣ୍ଢେଇ କଳା ଯା ପାଦ
ଖରସୁଆ କର ହୁଏ ବଚଛେଦ
ମାତୃଭାଷା ଲାଗି ଜ୍ୱଳ ॥ ୫ ॥

ଭାରତର ନଭେ ଉତ୍କଳର ଜ୍ୟୋତି
ରଖିବା ପାଇଁ ଭାସ୍କର

Digitized by PPRACHIN, SOA

ଉତ୍କଳ ଦିବସେ କରନ୍ତୁ ଶପଥ
ଭାଷାପ୍ରେମି ତ୍ୟାଗୀ ବୀର ॥ ୬ ॥

ଉଚ୍ଚ ହେବାପାଇଁ କର ଯେବେ ଆଶା
ଉଚ୍ଚକର ଆଗେ ନିଜ ମାତୃଭାଷା ।

●

ସାହିତ୍ୟିକ ବାଳକୃଷ୍ଣ

ଚୈତ୍ର ପୂର୍ଣ୍ଣିମା ଦିନେ ଜନମିଲେ ଶୁଭଲଗ୍ନେ
ବନ୍ଧୁ ଶ୍ରେଷ୍ଠ ବାଳକୃଷ୍ଣ କର ଅମର
ପଲ୍ଲିଗ୍ରାମ ଜଗିପୁର ସାରସ୍ୱତ କର୍ଣ୍ଣଧାର
କଟକ ଜିଲ୍ଲାରେ ଖ୍ୟାତି ଲଭି କୁମର
ଚଟଶାଳୀ ପାଠ ପଢ଼ିଲେ
ବୃତ୍ତି ପାଇ ଉଚ୍ଚଶିକ୍ଷା ଲାଭ ଯେ କଲେ ॥ ୧ ॥

ରଚିତ ଶିଶୁ ଶ୍ଲୋକ ଜହ୍ନମାମୁଁ ଲୁଚକାଳି
ସଉକାର ଆଉ କେତେ ଫୁଲ ଝୁଙ୍ଗୁଡ଼ି
ସ୍ୱାଧୀନତା ଆନ୍ଦୋଳନ ବିଚ୍ଛିନ୍ନାଞ୍ଚଳ ଗଠନ
ତବ କର୍ମ ଥିଲା ଏକ ମହାନ ଚେଷ୍ଟା
ସାରସ୍ୱତ ପ୍ରତିଷ୍ଠା କରି
ମାତୃଭାଷା, ମାତୃଭୂମି ଆଦର୍ଶ ଧରି ॥ ୨ ॥

ଯୋଗଜନ୍ମା କର୍ମବୀର ପୁଣ୍ୟପୀଠ ଉତ୍କଳର
ଭାରତ ଅମର ବାଣୀ ଭୁଲି ହୁଏନା

Digitized by PPRACHIN, SOA

ଓଡ଼ିଆ ଜାତିର ମାନ ବଢାଇ ଦିନକୁ ଦିନ
ସାତ୍ୱିକ ନାମ ଆଜି ଉଡ଼ାଇ ବାନା
ଅଲିଭା ସ୍ମୃତି ତୁମର
ପୁଣ୍ୟବଳେ ଅରଜିଲ ଖ୍ୟାତି ଅମର ॥ ୩ ॥

ବୁଲ୍ ଫକୀର ତୁମର ଝିଲ୍ଲୀର ବାରଦ୍ୱାର
ମୋଟାଇ ଅଛି ନିତ୍ୟ ସତ୍ୟ ଖବର
ପୁଣ୍ୟ ଆତ୍ମା ବାଳକୃଷ୍ଣ ଧନ୍ୟ ନନ୍ଦିଘୋଷ ରଥ
ମାତୃଭୂମି ପାଇଁ ତବ କୀର୍ତ୍ତି ଅମର
ଶ୍ରାଦ୍ଧ ଦିବସରେ ଆଜି
ସ୍ୱର୍ଗପୁରୁ ଦିଅ ତବ ଆଶିଷ ଦାନ ॥ ୪ ॥

ବିଦ୍ୟା ଅଟଇ ମହାଧନ ବାଳକେ କର ଉପାର୍ଜନ ।

— o —

ଘୋଷଣାର ପତ୍ର

ନିର୍ବାଚନ ମଣ୍ଡପ ଓ ଘୋଷଣାର ପର୍ବ
ନିଳଣର ଇଚ୍ଛାଦ୍ୱାର
ଲକ୍ଷ ଲକ୍ଷ ମଣିଷର ଦ୍ୱାରା ।

ସାଧୁ, ଅବା ଭଦ୍ର ତୁମେ
ଯାହା କହୁ ହୋଇପାର
କିନ୍ତୁ, ପ୍ରତିନିଧି ତୁମେ
ଅଟ ମଣିଷ ଜାତିର ।

Digitized by PPRACHIN, SOA

ହୋଇପାର, ଖଦ୍ଦଧାରୀ
କମ୍ବା ଉଚଜାତି ହୁଅ
ନୁହେଁ କେହୁ ନା ବାଳକ
ଯା ବାଳକ ମନେ ରଖିଥାଅ ।

ସିଂବଲ ଓ ସଙ୍କେତରେ
ନାଳ, ନେଳ, ପଚର କାହାର
ବଳୁଚ କରୁଛ, କାନ୍ଥ, ବାଡ଼
ଲଡ଼ାଟିଆ ମାଇକର ସ୍ୱର ।

ହୋଇପାର ଗାନ୍ଧିବାଦୀ,
କମ୍ବା ଚକ ଓ ଲଙ୍ଗଳ
ନଚେତ, ଦାଆ ହାତୁଡ଼ର
କମ୍ବା ଜଳାକାଶ ତାର୍ ମାଳ ମାଳ ।

ସାମ୍ୟବାଦ ବଟମୂଳେ
ବନ୍ଧାହୁଏ ଭ୍ରମଣ ବଳଦ
ନବଜନ୍ମା ଗାଈ ବାଛୁରର,
ହଳକରେ ଶୃଷିର ସମ୍ପଦ ।

ହୋଇଛୁ ବଳସ୍ତୀ ତୁମେ,
ମନେରଖ ନିଜ ହୃଦୟରେ
ଗଳାରେ ପଡ଼ିଛି ହାର,
ପଦାତିକ ବାହ୍ମଣ ପଛରେ ।

ମନେରଖ ବନ୍ଧୁ,
ପଦଘାଙ୍ଗ ନିଜ ରକ୍ତ ସର୍ତ୍ତ

Digitized by PPRACHIN, SOA

କଣା ବାଟ ତ୍ରାଣ ନାହିଁ,
ଏନ୍ତୁଚମ ଘୋଷାଗାର ପଥ ।

ବୈକୁଣ୍ଠ ସ୍ମୃଧ ଅଟେ ଦେହ ଘର
ପରଷ୍ଟର ସ୍ନେହ ସଙ୍ଗେ ଥାଏ ଭରନ୍ତ ବ

— x —

ମୁକ୍ତହସ୍ତେ କରଦାନ

କାହିଁଗଲୁ ବାତାଯନ କରୁଛି କେତେ ରୋଦନ
ବାତ୍ୟାରେ ରହିଲୁ ଯାଇଁ କେଉଁ ରାଇଜେ
ମାଡ଼ିଗଲୁ ଲୁଣାପାଣି ନ ପାରିଲି ତୋତେ ଆଣି
ମାତୃହରା ଶିଶୁ ମନ କେତେ ଯେ ଦୁଃଖେ ଜେ
ଏକାଇର ବର୍ଷିଲେ ଘନ
କାହିଁ ଗୁଡ଼ିଗଲୁ ମୋର ଗଳାବନ୍ଧନ ।୧।

ବାତ୍ୟାର ପ୍ରକାଣ୍ଡ ଝଡ଼ ଦେଲାକୁ ଦେଲ ପ୍ରହର
କଟକ, ପୁରୀ ଆଉ ବାଲେଶ୍ୱରରେ
ଧ୍ୱଂସକଲା କେତେ ଗ୍ରାମ ନାଶିଲା ବହୁତ ପ୍ରାଣ
ତାଣ୍ଡବ ନୃତ୍ୟରେ କଲା ସେ ହାହାକାର
ଜୁନ ମାସ ତିନି ତାରିଖ
ବଳିଗଲା ବୟାଳିଶି ଠାରୁ ଅଧିକ ।୨।

ପିନ୍ଧିବାକୁ ନାହିଁ କନା ପେଟକୁ ନାହିଁ ଦାନା
କୋଟି ଜନତାର ମୁଖେ ଆନନ୍ଦ ନାହିଁ

Digitized by PPRACHIN, SOA

ଦେଖି ଦେଖି ଦେଲ ଦୁଃଖ ରଚାଇଦେ କଳା ଶ୍ରୀମୁଖ
ଲୋଚନ କୋଟି ଭଣ୍ଡାରୁ କାଣିଚୁ ଦେଇ
ଧନ ଦୁଃଖିଙ୍କର ଜଣାଣ
କୃପାବାଣି ଦାନଦେଇ ଫେଡ କଷଣ । ୩ ।

ସାହା ହୁଅ ଦେଶବାସୀ ଏ ଘୋର ବିପଦ ନାଶି
ଯାଇଛି ଧନ ଜୀବନ କିଛି ତ ନାହିଁ
ଘେନ ବାରେ ନିବେଦନ ମୁକ୍ତହସ୍ତ କରଦାନ
ଖୋଳକଲ୍ଲ ମୂର୍ତ୍ତିରେ ମୁଠେ ଆହାର ଦେଇ
ଗୋପ ବନ୍ଧୁ ନୀତିକୁ ଧରି
ଦରିଦ୍ର ଦୁଃଖିଙ୍କ ସେବା ସାଧନ କରି । ୪ ।

ମୋ ଜୀବନେ ପଛେ ନର୍କେ ପଡ଼ି ଥାଉ
ଜଗତ ଉଦ୍ଧାର ହେଉ

— ❊ —

ମରୁଡ଼ି

ଜୀବନ ଦେଇତରେ ଶହୀଦ ହୋଇଣ
ଆଣି ଦେଲ ସ୍ୱାଧୀନତା
ଆମ ରକ୍ତେ ଗଢ଼ା ସତ୍ୟଧର୍ମଶାଳା
ଆମେ ଆଣି ଦରିଦ୍ରତା । ୧ ।

ଝାଞ୍ଜି ପବନ ସହିକରି ଆମେ
ଗହ୍ୱରେ ବୋଇଲୁ ଧାନ

Digitized by PPRACHIN, SOA

ବୈକୁଣ୍ଠ ଜଣ ନାଦୃଅ ଚକଟି
ସେହି ଷ ଅଃ ସ ହ୍ଵନମାନ । ୨ ।
ଆମେ ଯେ ଗଢିଲୁ ବନ୍ଧୁକ ତୋପ
ତରବାରୀ ଆମପାଇଁ
ଯେଉଁ ତେ ପବନେ ଶୀକାର ହୋଇଲୁ
ଲୁହ ବୁହା ଦୁଃଖ ଖାଇ । ୩ ।
ଜନ୍ମ ନାହିଁ ଚାଲି ଦିନ ଧରି
ସକଳ ଶ୍ରମିକ କୃଷି
ମିଳିତ ହୁଅରେ ଶ୍ରମିକର ସାଥୀ
ଦେବା ଏ ଜନତା ନାଗି । ୪ ।
ଯେ ଯୁଗ ମାନବ ଉତ୍ତର ଆଜାରେ
ବୁଡ଼ିଲ ସାଗର ଜଳେ
ସେ ଯୁଗ ଆମେଟର ହା ଅନ୍ନ ହା ଅନ୍ନ
ଖୋଜିବୁଲୁ ବାରଦ୍ଵାରେ । ୫ ।
ବନ୍ୟା ପରେ ପରେ ମରୁଡ଼ି ଉଙ୍କି
ଗୃହେଆଜେ ହାହାକାର
ଜନ ସମାଜରୁ ପଢ଼ିଲାଣି ଦୂର
ମରୁଡ଼ି ଘୋଷଣା କର । ୬ ।
ପଞ୍ଚଷ ପ୍ରଭାତେ ନ କାଟିଲୁ ଶସ୍ୟ
ଦୁର୍ଭିକ୍ଷ କରଇ ଗ୍ରାସ
ସାରା ଓଡ଼ିଶାରେ ପାଟଳି କ୍ଷେତରେ
ମହିଳାର ଅଟ୍ଟହାସ୍ୟ । ୭ ।

ଦଳର ଦଳଙ୍କୁ ମଣିଷ ଗଢ଼
ଯେଣିକି ଓଡ଼ାଣ ତେଣିକି ଯାଉଁ

Digitized by PPRACHIN, SOA

ଅନାଥର ତୁମେ ନାଥ

ଜଗନ୍ନାଥ ହେ, ନିର୍ଜନେ ବସିଛ କାହିଁ ?

ଆମ ଆଖିଲୁହ ଆଖିରେ ମିଳଣି
ତୁମକୁ କି ଦିଶୁ ନାହିଁ (ଘୋଷା)

ଭାଇ ବଳରାମ ଭଉଣୀ ସୁଭଦ୍ରା
ନବାନନ୍ଦେ ବସିଛନ୍ତି

ଚନ୍ଦନ କର୍ପୂର ତୁଳସୀ ଭୂଷଣ
ଛପନ ପଉଟି ଭର୍ତ୍ତି । ୧ । ଜଗନ୍ନାଥ ହେ

ତୁମେ ରଥେ ବସି ଦେଖନ୍ତୁ ଆମକୁ
ଉଡାଇଣ ନେତ ବାନା

ତିନି ରଥେ ବିଜେ ତିନି ଠାକୁର ବନ୍ଧୁ
ଜଣାଉଛୁ ବନ୍ଦାପନା । ୨ । ଜଗନ୍ନାଥ ହେ

ବାତ୍ୟା ପରେ ବନ୍ୟା ତାପରେ ମରୁଡ଼ି
ହାହାକାର ଜଗନ୍ନାଥ

ନାହିଁ ଛିଣ୍ଡା କନା ଆମର କପାଳେ
ଖଂଜାଉଛ ସୁନା ମୁକୁଟ । ୩ । ଜଗନ୍ନାଥ ହେ

ଯୁଗେ ଯୁଗେ ତୁମ ବାନା ଉଡୁଥାଉ
ଅନାଥର ତୁମେ ନାଥ

Digitized by PPRACHIN, SOA

ହେ କଳା ବଦନ   ଦୁଃଖି ଡାକ ପାଇ
ଦୁଃଖ ହରେ ଅବିରତ । ୪ । ଜଗନ୍ନାଥଦେବ

ଜଗନ୍ନାଥଙ୍କ ପୟରେ କହୁଛୁ ଜଣାଣ
ଦୁଃଖି ଜନଙ୍କର ତୁମେ ଆଜି ନାଶନ

●

ଉତ୍କଳର ବରପୁତ୍ର

ଉତ୍କଳର ବରପୁତ୍ର   ରାଜର୍ଷି ସାତ୍ତ୍ୱିକ
ବର୍ତ୍ତମାନ । ଗତ ମୋର ହେଲଖଣ୍ଡା ମନ
ଏକାମ୍ର କାନନ ଆଜି   ବନ୍ଦାଉଛି ବନ୍ଦାପନା
ନୂଆ ରାଜଧାନୀ ତୁମେ କଲ ନିର୍ମାଣ
ହୀରାକୁଦ ବନ୍ଧ କାରଣ
ଗାଉଛି ଉତ୍କଳ ଆଣି ଅଶେଷ ଗୀତ । ୧ ।

ସତ୍ୟାଗ୍ରହୀ ସଦଗତି   ବାନ୍ଧିନେଲ ହାତକଡ଼ି
ବିଦେଶୀ ଶାସନ ତୁମେ କରିଲ ମୂଳ,
ଚୂଡ଼ ରତ୍ନ ସିଂହାସନ   କଂଗ୍ରେସର ଆନ୍ଦୋଳନ
ଐତିହାସିକ ପ୍ରତିଭା ଉତ୍କଳ କୋଟିର
ଭୂମିଗଡ଼ା ପ୍ରଜାତନ୍ତ୍ରର
ଭାରତର କୋଣେ କୋଣେ ଚଳେ ସବଂଶ । ୨ ।

Digitized by PPRACHIN, SOA

ଉତ୍କଳ ପ୍ରଧାନ ମନ୍ତ୍ରୀ   ରାଜ୍ୟପାଳ କେନ୍ଦ୍ର ମନ୍ତ୍ରୀ
ବଢାଇଲ ଉତ୍କଳର ନାମ ଭାରତେ ।
ଉତ୍କଳ ନକ୍ଷତ୍ର ସମ   ଥାଏ ତବ ଗୁଣଗ୍ରାମ
ଗାଁ ମଜଲିସି ବାର୍ତ୍ତା ଯୋଗାଉ ନିତ
ବନ୍ଧୁ ଅନୁଷ୍ଠାନ କରଣ
ଜାତିପାଇଁ ଦାନତବ ଅମୂଲ୍ୟ ଗାଥା । ୩ ।
ଆଜ ଏ ଜୟନ୍ତୀ ଦିନେ   ଭକ୍ତିପୂର୍ଣ୍ଣ ଶୁଦ୍ଧମନେ
ସ୍ୱାଧୀନତା ସଙ୍ଗରଷ୍ଟୁ କରୁଛୁ ଅଜି
ଶତାୟୁ ଲଭ୍ଭ ଜୀବନ   ସଂଗ୍ରାମୀ ଅଭିନନ୍ଦନ
ଜଗନ୍ନାଥଙ୍କର ତୁମେ ଜୀବନ ମାଳ
ଉତ୍କଳର ନବ ନିର୍ମାତା
ହୀରଖଣ୍ଡ ହୀରାବଳ ଦେଉଛୁ ବାର୍ତ୍ତା । ୪ ।

ବାବୁଙ୍କ ବାଣୀ ଭୁଲି ଗଲ କି ?
କଣ୍ଠାବଳୀ ପାଇଁ ତେଜ ବାନ୍ଧି ଛନ୍ତି ?

— ❊ —

ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି

ଝୁରେ ଆଜ ଚଣ୍ଡିପୁର
ଝୁରେ ବାଲେଶ୍ୱର,
ସାଂବାଦିକ ବନ୍ଧୁ ତୁମେ
ହୋଇଲ ଅମର

Digitized by PPRACHIN, SOA

ତୁମ ସ୍ୱଳ୍ପ ତୁମ କଥା
ମଧୁରତା ଭରେ
ତୁମ ମର ଦେହ ଆଜ
ମିଶିଲା ମାଟିରେ

ଅକାଳରେ କେଉଁ ଦିନ
ବେଳା ଅସମୟେ,
ଅପୂର୍ଣ୍ଣ ରହିଲ ତବ
କର୍ମର ବଳୟେ

ଅନୁଷ୍ଠାନ ଗଢି ତୁମେ
ରଖିଗଲ ପଣ
ସହର ପଲ୍ଲିରେ ତବ
ଆଦର ଅଶେଷ

ଉଜ୍ଜଳ ନକ୍ଷତ୍ର ସମ
ଶରୀର ତୁମର
ଝଲୁଥିଲ ରଜତବେଶେ
ନଶ୍ୱର ଝାନର

ପ୍ରତ୍ୟୁତ୍ପନ୍ନ ମତି ତବ
ଜଗତ ବଖାଣେ
ମମତାର ଡୋର କାଟି
ନ ସ୍ପର୍ଶିଲ କ୍ଷଣେ

ପୁତ୍ର, ପତ୍ନୀ, ପରିବାର
ଝୁରନ୍ତି ସକଳେ

Digitized by PPRACHIN, SOA

ତୀର୍ଥ ଯାତ୍ରୀ ସମ ତୁମେ
ଲେଉଟିଲ ଭୂତଳେ
ଜଗନ୍ନାଥ ପାଶେ ଆଜି
କରୁଛି କାମନା
ଆତ୍ମାର ସଦ୍‌ଗତି ହେଉ
ଏତିକି ପ୍ରାର୍ଥନା

ଏକାଦଶ ଦିବସରେ
ବନ୍ଧୁ ପାଦେ ଅଳି
ଘେନ ହେ, ମୋହର
ଆଜି ଭକ୍ତି ଶ୍ରଦ୍ଧାଞ୍ଜଳି ।

କେହୁ ରହନ୍ତିଁ ରହିବେ ନାହିଁ ଭବରେ ଭୂମଣ୍ଡଳ
ହେବେ ନିଜ ନିଜ ଅଭିନୟ ସାରି ବାହୁଡ଼ିବେ କାଳବେଳେ

— x —

ଘଣ୍ଟକବି ଯଦୁମଣି

ଉଦୟ ପୁରରେ ଜନ୍ମିତ ଯେ ତୁମେ
ଘଣ୍ଟ କବି ଯଦୁମଣି
ଯଦୁମଣି ରସ ଭଞ୍ଜ କାଳିଦାସ
କ କଣ୍ଠି ବ ଏ ଲେଖନୀ ॥ ୧ ॥

କେତେ ଯେ ପାହାଡ଼, ତରୁଲତା ଆଦି
ତା ମଧ୍ୟେ ଉଦୟ ଶାନୁ

Digitized by PPRACHIN, SOA

ସୌନ୍ଦର୍ଯ୍ୟର ଶୋଭା, କ ଦେବ ଉପମା
ସୃଜନ କରଣ ଶେଷ ॥ ୨ ॥

ପୂର୍ବ ନୟାଗଡ଼, ଉଦୟ ପୁରରେ
ପୋଷ୍ଟ ଅଫିସ ନୂଆଗାଁ
ପଦ୍ମମଣିଙ୍କର, ପାଣ୍ଡିତ୍ୟ ସମ୍ପଦ
ରତ୍ନ ଭଣ୍ଡାରର ଥିଲା ॥ ୩ ॥

ବନ୍ଦେ ପୂର୍ଣ୍ଣମଣି, ଆହେ ପଦ୍ମମଣି
ଇହାମାଟି ପଞ୍ଚକୋଶୀ
ସତ୍ୟବଚନ ତ୍ରୟ ଦଶରଥ ଦେଖା
ଲକ୍ଷେ ବାଜଣା ଦାସି ॥ ୪ ॥

ଉଦୟ ପୁରରେ ଉଦୟ ହୋଇଛି
ଅସ୍ତମିତ ହେବ ନାହିଁ ।
ଧନ୍ୟ ଜନଙ୍କର, ଘଣ୍ଟା ବାଜୁଥିବ
ପ୍ରାର୍ଥନା ମୋହର ଏହି ॥ ୫ ॥

ପାର୍ବତ୍ୟ ମଧ୍ୟରେ ଯେ ଗଡ଼ ଜନର
ସାହିତ୍ୟ ସମ୍ପଦ ନେଇ ଭଣ୍ଡାର ।
ଶିକ୍ଷାଦାନ ପକ୍ଷେ ଦତ୍ତାଙ୍କ ମହତ୍ତ୍ୱ
ଉତ୍କଳର ସର୍ବେ ଅଟେ ସେ ଉତ୍କୃଷ୍ଟ ।

Digitized by PPRACHIN, SOA

ଧନୁ ବୃନ୍ଦାବନ

ସେଇ ଯେ ପାହାଡ଼, ଧନୁବୃନ୍ଦାବନ
ବୃକ୍ଷଲତା ମାଳ ମାଳ
ପୂର୍ବାହ୍ନର ବେଳା, ସୌନ୍ଦର୍ଯ୍ୟ ସୁନ୍ଦର
ଗ୍ରାମବାସୀ କୋଳାହଳ ॥ ୧ ॥

ନିୟତିର ଗତି, ଘୂର୍ଣ୍ଣିବାତ୍ୟା ସାଜି,
ଧରିଲା ତାଣ୍ଡବ ମୂର୍ତ୍ତି
କୋଳାହଳ ଗ୍ରାମ, ହେଲା ଛାରଖାର
ଦେଖି ଫାଟିଯାଏ ଛାତି ॥ ୨ ॥

ଶୃଗାଳ, ଶାଗୁଣା, ମେଳା ଯେ ବସିଲା
ଗ୍ରାମ ହେଲା ଶ୍ମଶାନ
ମାତା କୋଳେଥିବ, ପୁତ୍ରକୁ ତାହାର
ଚିରନିଦ୍ରା ଗଲା ଜାଣ ॥ ୩ ॥

ସ୍ୱାମୀ ହରା ସ୍ତ୍ରୀ, ପୁତ୍ରହରା ପିତା,
ଶୋକାକୁଳ ପରିବାର
ଭାଇ ଭଉଣୀର ସୁଖର ସଂସାର
ପୋଡ଼ି ହେଲା ଛାରଖାର ॥ ୪ ॥

ଶିଶୁସାଥି ମେଳ, ପିଲାଙ୍କର ଖେଳ
ଭାଙ୍ଗିଦେଇ ଧୂଳି ଘର
କଏ ସେ ନପୁତ, ଐରାବତ ହସ୍ତୀ
କଲା ଏତେ ଛାରଖାର ॥ ୫ ॥

Digitized by PPRACHIN, SOA

ସୁନ ଟୋନ୍ ଅଛୁ, ମିଚାଲୁ ଭାହାର
ଭଉଣୀ ଖୋଜଇ ଭାଇ
ସ୍ୱାମୀ ଖୋଜେ ଚାର, ଅଦରରସ୍ଥୀ
ମାତା ରୋଦନ କରଇ ‖ ୬ ‖

ହଜାର ହଜାର, ଶବସ୍ତାର ଗଜ
ଦଶ ମୌଜା ନଷ୍ଟ କିନ୍ନ
ନସ୍ତଙ୍ଗର ଗନ୍ତ, ବୃଦ୍ଧାଏ ବୋଲନ୍ତି
ଦେଖି ନାହୁଁ ଆଜନମ ‖ ୭ ‖

କେତେ ନଦ ନଦୀ, ପୁଷ୍କରଣୀ ଆଦି
ଜଗାଇଲ ଫକମୀନ
ହଳଆ ବଳଦ, ପଶୁ ପକ୍ଷୀଆଦି
ମଲା ମାଟିର ଶ୍ମଶାନ ‖ ୮ ‖

ଶେଷ ନିବେଦନ, ମୋ ଭାଇ ଭଉଣୀ
ଅକୁଣ୍ଠେ କର ହେ ଦାନ
ପେଟେ ନାହିଁ ଦାନା, ପିନ୍ଧିବାକୁ ଜନା
ଅନ୍ନାଭାବ ସର୍ବଭଜନ ‖ ୯ ‖

ଦେଶ ସେବା ପାଇଁ କରିଥିଲେ ଦାନ
ଚିର ସଂପଦ ସେ ଅମୂଲ୍ୟ ରତନ

—*—

Digitized by PPRACHIN, SOA

ଡ଼ଃ ରାଧାନାଥଙ୍କ ଜୟନ୍ତୀ ଅବସରରେ

ପ୍ରକୃତ ଦେଶର ସାଥୀ ରାଧାନାଥ
ଉତ୍କଳର ତୁମେ ସାହିତ୍ୟର ହାତ

ଭାରତୀ ଦେବୀଙ୍କ ସଦା ସେବାକାରୀ
ଗୁରୁର ଚାରମା ଜ୍ଞାନ ଅଧିକାରୀ

ସ୍ୱାଧୀନତା ପାଇଁ ଚେତିଲ ସଂସାର
ବନ୍ଦହୋଇ ତୁମେ ଲଭ କାରାଗାର

ଗୋପବନ୍ଧୁଙ୍କର ଦୟାର୍ଦ୍ର ସନ୍ତାନ
ସମାଜ ସଦେ ଅମୂଲ୍ୟ ରତନ

ମାୟାର ମମତା ସକଳ ବରଜ
ନିଜ କର୍ମ କ୍ଷେତ୍ର ଧରମ ଅରଜ

ଉତ୍କଳର ତୁମେ ହୃଦ ସରବର
ଦୁଃଖୀ ଜନଙ୍କର ମନର ମଧର

ହୋଇ ଶିକ୍ଷାମନ୍ତ୍ରୀ ବଢ଼ାଇଲ କୀର୍ତ୍ତି
ଉତ୍କଳ ଗାଉଛି ଅଶ୍ରୁଭରା ଗୀତ

ଆଠଗଡ ତୁମ ଜନ୍ମପୀଠସ୍ଥଳୀ
ସେ ଗ୍ରାମରେ ବାଜି ଦେଲ ଆତ୍ମବଳ

ସମସ୍ତରେ ସର୍ବେ ବୋଲନ୍ତି ବଚନ
ଦୁଃଖୀ ଦରିଦ୍ରର ଏକଇ ସନ୍ତାନ

ଅତିକ୍ରମ କରି ପଞ୍ଚାଅଶୀ ବର୍ଷ
ଯୁବ ସୁଲଭତା ମନର ସାହସ

Digitized by PPRACHIN, SOA

ସ୍କାଉଟ ଗାଇଡ୍ ସ୍ୱଭାବ ତୁମର
ଜ୍ଞାନ ବର୍ତ୍ତିମନ୍ତ ଶୋଭା ଭବକର ॥

ପୁରାଣ ଓ ଶାସ୍ତ୍ର ସକଳ ପ୍ରକାର
ଗୁଣଗ୍ରାହୀ ଗୁଣି ସମ ଉଜ୍ଜ୍ୱଳର ॥

ଗୋପବନ୍ଧୁଙ୍କର ଉଦ୍‌ଯୋଗୀ ସନ୍ତାନ
ଦୁଃଖି ଭିକ୍ଷାପାତ୍ରେ କରୁଅଛ ଦାନ ॥

ଜୟନ୍ତୀ ଦିବସେ ଏତିକ ମୋ ଅଳି
ଉତ୍କଳମଣିଙ୍କ ଜୀବନର ମାଳି ॥

ସଂଗ୍ରାମୀ ସଂସଦ ଶୁଭ ମନାସିଣ
ଦୀର୍ଘାୟୁ କରନ୍ତୁ ସ୍ୱୟଂ ଭଗବାନ ॥

—ଜୟଚନ୍ଦ୍‌

ମିଶୁ ମୋର ଦେହ ଏ ଦେଶ ମାଟିରେ
ଦେଶବାସୀ ଭୁଲି ଯାଆନ୍ତୁ ପିଠିରେ ॥ ଉତ୍କଳମଣି—

Digitized by PPRACHIN, SOA

ସାହିତ୍ୟ ପ୍ରେମୀ ବନ୍ଧୁ, ବୁଦ୍ଧିଜୀବୀ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ର, ଛାତ୍ରୀ ମାନଙ୍କର ଏକ ଉପାଦେୟ ପୁସ୍ତକ ଭାବେ ଏକାନ୍ତ ପ୍ରୟୋଜନ ଓ ପାଠାଗାର, କ୍ଲବ ନିମନ୍ତେ ସୁରକ୍ଷିତ ।

୧- "ଗୃଉଳିଆ ଘର"

ଦଶକର ଅନୁଭୂତି ।

୨- "ମାତୃଭୂମି"

ପ୍ରାପ୍ତି ସ୍ଥାନ – ସୂର୍ଯ୍ୟମଣି ପଣ୍ଡା
ସଂଗଠନ ସମ୍ପାଦକ, ଜିଲ୍ଲା ସ୍ୱାଧୀନତା ସଂଗ୍ରାମୀ ସଂଘ
ବାଲାଜୟନ ରୋଡ୍, ବାଲେଶ୍ୱର-୭୫୬୦୦୧

Digitized by PPRACHIN, SOA

ମୁକ୍ତିପାଇଁ ବଳିଦାନ

ପରାଧୀନତାର   ମୁକ୍ତିର ମଶାଲ
ସଂଗ୍ରାମୀ ବୀର ଉତ୍ଥାନ
ଶତ ସାଥୀମାର   ସାଥୀ ସ୍ୱଜନ
ବିପ୍ଳବୀ ବାଧା ଉଜାନ ॥ ୧ ॥

ନାହାନ୍ତି ସେ ଆଜ   ଚିତ୍ତ ଓ ମାଟେରନ
ଟେକ୍ୟାଣ୍ଡେଷ, ମନୋରଞ୍ଜନ
ଅଗଣିତ ସେନା   ପୂର୍ବ ଇତିହାସ
ଫାଶିଖୁଣ୍ଟ ଦେଲ ପ୍ରାଣ ॥ ୨ ॥

ଗାନ୍ଧି, ଗୋଖଲେ   ବଙ୍କିମ ଜଗବନ୍ଧୁ
ଶହୀଦ ବାଜି ଲକ୍ଷ୍ମଣ
ସ୍ୱାଧୀନତା ପାଇଁ   ଜୀବଦାନ ଦେଇ
ଅମର ହୋଇଲେ ଜାଣ ॥ ୩ ॥

ଗ୍ରାମିଣ ଅରଟ   ଗ୍ରାମ ପଞ୍ଚାୟତ
ସ୍ୱରାଜ ପର୍ବ କରମ
ଗ୍ରାମେ ନରଷର   ଶିଳ୍ପକର୍ମୀର
ମାନବର ଚରମ ଧର୍ମ ॥ ୪ ॥

ଭୁଲିଗଲ ଗୁଡ଼   ମାଉସୀମା ବାଡ଼
ରକ୍ତତୀର୍ଥ ବାଲେଶ୍ୱର
ଚଷାଖଣ୍ଡ ଆଜ   ଭକ୍ତି ତୁମକୁ
ବଳଙ୍ଗର କର୍ଣ୍ଣଧାର ॥ ୫ ॥

Digitized by PPRACHIN, SOA

ଟାଗୁ ଅର୍ଥମାନ୍ତ   ଧୂଷ୍ଟ ଏ ଦୁର୍ଗତ
ରାମ ରାଜ୍ୟ କେବେ ହେବ
ବୋଲାଇବ ସଂସାର   ରାମ ସାଇକର
ଯାଅ ତୁମ ଜନ୍ମଥିବ ॥ ୬ ॥

ବାରବାଟୀ ଯାଅ   ସୁନ୍ଦର ମନ୍ଦର
ଜନତାର କୋଳାହଳ
ଚୈତନ୍ୟ କନ୍ଦର   କପ୍ତି ପଦା ମାଳ
ପ୍ରିୟ ତୁମ କର୍ମସ୍ଥଳ ॥ ୭ ॥

ଛଦ୍ମବେଶ ସାଜ   ଉତ୍କଳ ହରକ
ବନ୍ଦେ ମାତରଂ ଧ୍ୱନି
ଫିରିଙ୍ଗିର ଶତ୍ରୁ   ଜର୍ମାନୀ ସହିତ
ଗୁପ୍ତ ମନ୍ତ୍ରଣାର ବାଣୀ ॥ ୮ ॥

ଟାର୍ଗାଟ୍‌ର ଗୁଳି   ଶ୍ରାବଣର ବାତ
ଫୁଟିଲ୍ ବକ୍ଷେ ଜଣନ
ଦେଶରକ୍ଷା ମନ୍ତ୍ର   ଜନତାର ନେଲେ
ବୋଳ ସ୍ୱାଧୀନ ଅଞ୍ଜନ ॥ ୯ ॥

ଏଇ ବାଲେଶ୍ୱର   ମନ୍ତ୍ରୀର ଗାର
ନାମ ବିଶ୍ୱର ଭଣ୍ଡାର
ଅଭିମନ୍ୟୁ ଚଗ   ରକ୍ତ ତୀର୍ଥ ହୁର
ଚଷାଖଣ୍ଡ, ଫୁଲଓ୍ୱାର ॥ ୧୦ ॥

ବ୍ୟାସ ବାଲ୍ମୀକି   ଭଞ୍ଜ କାଳୀଦାସ
ଭୀଷ୍ମ, ଦ୍ରୋଣ, କର୍ଣ୍ଣାର୍ଜ୍ଜୁନ

Digitized by PPRACHIN, SOA

ଶାନ୍ତି ସିନ୍ଧୁମା   ସୀତା ଓ ଧାରଣୀ
ରାମଚନ୍ଦ୍ର ସତ୍ୟବାନ ॥ ୧୧ ॥

ସଂକଟ ମୋଚନ   ନରେନ୍ଦ୍ର ନାରାୟଣ
ଗାନ୍ଧି, ଗୋପବନ୍ଧୁ ବାଣୀ

ପ୍ରାଣେ ସାଧିଲନ୍ତି   ସ୍ୱାଧୀନ ଚେତନା
ବିଶ୍ୱର ମଉଡ଼ ମଣି ॥ ୧୨ ॥

ଏକହସ୍ତେ ତୁମ   ଭାଗବତ ଗୀତା
ଅନ୍ୟହସ୍ତେ ଖଡ୍ଗ ଦାନ

ଉଦାର ବନ୍ଧୁଙ୍କୁ   ବାନ୍ଧୁ କଲନ୍ତି
ନାମ ସେ କାୟା ଜଣାନ ॥ ୧୩ ॥

ଜାତି ପ୍ରୀତି ବହ୍ନି   ହୃଦ କନ୍ଦରେ
ଗଢିଲ ବିପ୍ଳବୀ ଦଳ

ସାହେବଙ୍କ ଦେଶ   ତୁମ୍ଭେ ଭାରତ ବର୍ଷ
ସନ୍ନ୍ୟାସ ବାସୀ ବୋଲାଇଲ ॥ ୧୪ ॥

ମାନବ ଜୀବନ   ହୁଅଇ ସାର୍ଥକ
ଭୋଗକୁ ନେଇଁ ତ୍ୟାଗଦାନ

ଆଞ୍ଚଳିକ ଭାବ   ନଥିଲା ହୃଦୟେ
ସାଥୀରେ ପାଞ୍ଜାଣ ॥ ୧୫ ॥

ଉତ୍କଳ ପ୍ରଦୀପ   ପଞ୍ଚ ସଖାଦୀପ
ତୁମେ ମଧ୍ୟ ପାଞ୍ଚଜଣ

Digitized by PPRACHIN, SOA

ସ୍ୱାରାଜ୍ୟ ବାଦର ଶହୀଦ ସାଧକ
ମୁକ୍ତିପାଇଁ ବଳିଦାନ ॥ ୧୬ ॥

ଜୟକୃଷ୍ଣ

ସ୍ୱାଧୀନତା ପଥେ ଅଛୁ ଯେତେ ଗାତ
ପୂରୁ ପଡ଼ି ତହିଁ ମୋର ମାଂସ ହାଡ

ଉତ୍କଳମଣି

— ❋ —

ବିପ୍ଳବର ବେଳାଭୂମି

ବାଲେଶ୍ୱର

ବିପ୍ଳବର ଭୂମି ଏଇ ବାଲେଶ୍ୱର
ଦେଶ ହିତ ପାଇଁ ଲଢ଼ି ବାରବାର
ଇଂରେଜ ଇରମ ମାଟି
ରକ୍ତର ହୋରି ଖେଳାଇ ଥିଲ ଯେ
ଶାନ୍ତ ଆନ୍ଦୋଳନେ ମାତି ॥ ୧ ॥

ସ୍ୱାଧୀନତା ପାଇଁ କରି ଆନ୍ଦୋଳନ
ବନ୍ଧୁକର ମୁହେଁ ଛାତି ପତାଇଣ
ବିପ୍ଳବୀ ଶାନ୍ତ ଜନ
ବନ୍ଦେ ମାତରଂ ଉଚ୍ଚାରଣ କରି
ଶେଷେ କଲ ପ୍ରାଣ ଦାନ ॥ ୨ ॥

Digitized by PPRACHIN, SOA

ଗଡଜାତ ମଧ୍ୟେ କେତେ ଅତ୍ୟାଚାର
ମୁକ୍ତିର ଲଗି ପ୍ରଜାଙ୍କ ବିଗ୍ରହ
ଗଢିଣ ପ୍ରଜାମଣ୍ଡଳ
ରାଜାଙ୍କ ଦମନ ଶୋଷଣ, ନିଲମ
ବଢ଼ିଲା ବେଳକୁ ବେଳ ॥ ୩ ॥

ଲୌହର ମାନବ ସର୍ଦ୍ଦାର ବଲ୍ଲଭ
ବିପ୍ଳବ ଦମନ ରାଜାଙ୍କ ପତନ
ଗଡ଼ ଜାତ ମିଶିଗଲା
ପ୍ରଥମ ମିଶ୍ରଣ ଭାରତର ମଧ୍ୟେ
ସାକ୍ଷୀ ଉତ୍କଳ କେଶରୀ ॥ ୪ ॥

ଗାନ୍ଧିଜୀଙ୍କ ଥିଲା ଯେ ଅଟଳ ପଣ
ଏ ଦେଶୁ ଛାଡ଼ିବ ନିଶା ପ୍ରଚଳନ
ପୂର୍ଣ୍ଣ ବର୍ଷକୁ ଅଭିଯାନ
ନିଶାବନ୍ଦୀ କାର୍ଯ୍ୟ କରି ଆରମ୍ଭ
ବଢ଼ାଅ ଦେଶର ମାନ ॥ ୫ ॥

ଅର୍ଥନୀତି ପାଇଁ ବିଂଶତି ପ୍ରୋଗ୍ରାମ
ଗରିବଙ୍କ ପାଇଁ କାନ୍ଦେ ଯାର ପ୍ରାଣ
ଦେଶବାସୀ ନେତୃ ବୃନ୍ଦ
ସ୍ୱପ୍ନର ସ୍ୱରାଜ୍ୟ ଗଢି ରାମ ରାଜ୍ୟ
ଲଭିବ ଶାନ୍ତି ବିଭବ ॥ ୬ ॥

ସଂଗ୍ରାମର ସ୍ମୃତି ବାଲେଶ୍ୱର ଭୂଇଁ
ମୁକ୍ତି କାମୀ ଆମ ସର୍ଦ୍ଦାର ଭାଇ
ସତ୍ୟାଗ୍ରହୀ ଦଳଗଢ଼ି

Digitized by PPRACHIN, SOA

ସ୍ୱାଧୀନତା ପାଇଁ ଲଢ଼ି କାସ୍ୱଟାଉ
ବାଛି ନେଲେ ହାତ କଡ଼ି ॥ ୭ ॥

ସତ୍ୟ ଓ ଅହିଂସା ମନ୍ତ୍ରେ ବଳୀୟାନ
ଗାନ୍ଧି ବୁଦ୍ଧଙ୍କର ବାଣୀ ଏ ମହାନ
ବୀର ଭୂମି ଏଇ ମାଟି
ଲବଣ ଆଇନ ଭଙ୍ଗ କରିଣ
ଲଭିଥିଲେ ଯଶ ଖ୍ୟାତି ॥ ୮ ॥

ତ୍ରିରଙ୍ଗ ପତାକା ଜାତିର ଗୌରବ
ଶାନ୍ତି ମୈତ୍ରୀ ଯାର ଭାରତ ବୈଭବ
ଶିଳ୍ପର ଉନ୍ନତି ପାଇଁ
ପ୍ରଗତିର ବାନା ଉଡ଼େ ଫରଫର
ବନ୍ଦେ ମାତରଂ ଗାଇ ॥ ୯ ॥

ଜୟହିନ୍ଦ

ଧର୍ମ୍ମ ଶୋଭିନା ମହତ୍ତ ପଣିଆ
ଅହଯବ୍ରୁ ପଣ ଅଟେଇ ଚଳିଆ
ଧନ ଅର୍ଜ୍ଜନ ଧର୍ମ୍ମବଳେ
ଧର୍ମ୍ମେ ପ୍ରାପତ୍ ଧନେଶ୍ୱରେ

Digitized by PPRACHIN, SOA

ଜାତିର ପିତା ମହାତ୍ମା ଗାନ୍ଧିଙ୍କ ଶ୍ରାଦ୍ଧ ଦିବସରେ
ନିଶା ନିବାରଣ ପାଇଁ ଏକ ନୀତିବାକ୍ୟ

ବାପୁଙ୍କ ବାଣୀ ଭୁଲି ଗଲକି ?
ନିଶାବନ୍ଦ ପାଇଁ କେତର କାନ୍ଦିକି ?

ମଦ ବଢାଏ କି ଦେଶ ବିକାଶ
ମଦ କରିଥାଏ ଜାତି ବିନାଶ

ପ୍ରବଳ ପ୍ରତାପି ମୋସଲମାନ ଜାତି
ମଦଖାଇ ହେଲା ମାଟିରେ ପୋତି

ଚେତୁଷରେ ମାଦକ ବର୍ଜନ କରିଏ
ଦେଶର ପରମ ଶତ୍ରୁ ହିଁଏ

ମଦ କରିଥିଲା ଯଦୁଙ୍କ ନାଶ
ମଦକଲେ ଘରବର ସର୍ବନାଶ

ପାଶ୍ଚାତ୍ୟ ଶିକ୍ଷାରେ ପ୍ରଭାବିତ ହୋଇ
ନିଶାଦ୍ରବ୍ୟ ପାନକରି ଦେଖାଅ ବଡାଇ

ନିଶା ନିବାରଣ କଲେ ସଫଳ
ଦେଶବାସୀଙ୍କର ହେବ ମଙ୍ଗଳ ।

—ମହାତ୍ମାଗାନ୍ଧି

Digitized by PPRACHIN, SOA

—: ସଂଶୋଧନ ତାଲିକା :—

ପୃଷ୍ଠା-	୧ ରେ	ଜ୍ୱଳ	ପରିବର୍ତ୍ତେ	ଦ୍ୱନ୍ଦ	ଦେବ ।
,,	୩ ରେ	ନିଲଶର	,,	ନିଲିମ	,,
,,	୫ ରେ	ବାଲେଶ୍ୱରରେ	,,	ବାଲେଶ୍ୱର	,,
,,	୬ ରେ	ଅଣି	,,	ଆଜି	,,
,,	୭ ରେ	ଦ୍ୱନ୍ଦ୍ୱର	,,	ଦ୍ୱନ୍ଦ ଦ୍ୱନ୍ଦ୍ୱର	,,
,,	୮ ରେ	ଠାକୁର ବନ୍ଧୁ	,,	ଠାକୁରଙ୍କୁ	,,
,,	୯ ରେ	ଡ଼ାକ,ଅଣି,ପୂର	,,	ଜନ, ଆଦ୍ୱ, ଦୂର	,,
,,	୧୦ ରେ	ଥାଏ	,,	ଗାଏ	,,
		କରଣ	,,	କରତା	,,
		ନଶାବଳୀ	,,	ନଶାବନ୍ଧୀ	,,
,,	୧୧ ରେ	ବେଳ	,,	ନେଲ	,,
		ରଜବେଟଣ	,,	ରାଜବେଟଣେ	,,
		କାଠ	,,	କାଠି	,,

—*—

Digitized by PPRACHIN, SOA

ଲେଖକଙ୍କର ଅନ୍ୟତମ ଲେଖା—

ସ୍ୱାଧୀନତା ସଂଗ୍ରାମ କାଳର
ଐତିହାସିକ ତଥ୍ୟ ସମ୍ବଳିତ

ଉତ୍ତର ଓଡ଼ିଶା ସାହିତ୍ୟ ସଂସ୍କୃତି ସମ୍ମେଳନ ପକ୍ଷରୁ

—: ପ୍ରକାଶ ପାଉଛି :—

॥ ବିପ୍ଳବର ବେଳାଭୂମି ॥

॥ ବାଲେଶ୍ୱର ॥

ଓ

॥ କବି ପ୍ରତିଭା ଅମର ॥

Digitized by PPRACHIN, SOA